

# ଓଁ ଶ୍ରୀଶ୍ରୀଶ୍ରୀ ସତ୍ୟ କଳ୍କି ବିରଜା ସଂସାର କଲ୍ୟାଣ ମହାଯଜ୍ଞ

## ସ୍ଥାନ : ଲାଖବିନ୍ଧା, ବିରଜା କ୍ଷେତ୍ର, ଯାଜପୁର

## ଇଂରାଜୀ ତା. ୧୫ ଜାନୁଆରୀ ୨୦୧୮ ଠାରୁ ତା-୨୧ ଜାନୁଆରୀ ୨୦୧୮

**"ଓଁ ନମସ୍ତୁଭ୍ୟଂ ଭଗବତେ ବାସୁଦେବାୟ ଧୀମହି । ପ୍ରଦ୍ୟୁମ୍ନାୟାନିରୁଦ୍ଧାୟ ନମୋ ସଂକର୍ଷଣାୟ ଚ ॥" (ଶ୍ରୀମଦ୍ଭାଗବତ)**

ପ୍ରିୟ ଆତ୍ମନ୍,

ଆତ୍ମବିସ୍ମୃତ ଅମୃତ ସନ୍ତାନ ଆଜି ପଦସ୍ଖଳିତ ଏବଂ ପଥଭ୍ରଷ୍ଟ। କଳିକାଳର ମହାବାରିଧିରେ ଭାବତଲ୍ଲୀନ ମୋହାସକ୍ତ ମାନବ ଅବୋଧ କିଶୋର ପ୍ରାୟ ସୌନ୍ଦର୍ଯ୍ୟାନନ୍ଦର ଅନୁସନ୍ଧାନୀ ଏବଂ ଆତ୍ମତୃପ୍ତ। "ନଜାଣି ସମୁଦ୍ରର ଗତି, ହସ୍ତେ ମନ୍ଥୁଛି ମୁଢ ମତି"- ନ୍ୟାୟରେ ରାଜାଠାରୁ ରଙ୍କ ପର୍ଯ୍ୟନ୍ତ ସକଳ ମନୁଷ୍ୟ ଆଜି ସନ୍ତରଣ ଅକୁଶଳୀ ସ୍ନାନାର୍ଥୀ ପ୍ରାୟ କଳି ମହାସମୁଦ୍ରରେ ଅଣନିଃଶ୍ୱାସୀ ଏବଂ ଅବଶ ବିବଶ। ଅତି ଏକାନ୍ତରେ ଆପଣ ନିଜକୁ ଥରେ ପ୍ରଶ୍ନ ପଚାରି କହିବେକି ? ଏପରି ଅନେକବାର ସମୁଦ୍ରସ୍ନାନରେ ଆପଣ ଶାନ୍ତି-ଶୀତଳତା-ପବିତ୍ରତା ଏବଂ ବିମଳତା ତଥା ଆତ୍ମତୃପ୍ତି ଲାଭ କରିଛନ୍ତି କି ? ବରଂ ଏହା ସତ୍ୟ ଯେ ଆପଣ ଯାହା ଖୋଜିଥାନ୍ତେ ତାହା ଖୋଜିନାହାନ୍ତି, ଯାହା ଖୋଜିଛନ୍ତି ତାହା ହୁଏତ ପାଇନାହାନ୍ତି, ଆଉ ଯାହାପାଇଛନ୍ତି ତାହା ହୁଏତ ଖୋଜିନଥିଲେ। କାହାରି ଅଦୃଶ୍ୟ ଆକର୍ଷଣରେ କିମ୍ବା ଦୃଶ୍ୟମାଣ ମୃଗତୃଷ୍ଣାରେ ବିଭୋର-ବିଭ୍ରାନ୍ତ-ବ୍ୟଥିତ-କ୍ଲାନ୍ତ-ମର୍ମାହତ-ସନ୍ତୁଳିତ-ଚକିତ-ତୃଷାର୍ତ୍ତ-ଅପମାନିତ ହୋଇଛନ୍ତି ଆପଣ। ଅନେକ ଅତୀତର, ଅନେକ ଗତକାଲିର ସହସ୍ର ଅଭିଜ୍ଞତାରୁ ଆମେ-ଆପଣ-ମୁଁ-ସମସ୍ତେ ଶିଖିଛନ୍ତି ଯେ ଆମେ ଯାହା ହୋଇଅଛନ୍ତି, ଆମର ସୁକର୍ମ ଅବା ଦୁଷ୍କର୍ମର ଏହା ପରିଣତି ଅଟେ। ଆମର କର୍ମରେ ଅଧିକାର ଅଛି, କର୍ମର ଯଥାର୍ଥ ଦ୍ରଷ୍ଟା ଅନ୍ୟ କେହି ଯେ ଫଳ ଯାଚି କରି ଦେଇଥାଏ ଏବଂ ଏକଥା ସତ୍ୟ ଯେ, କୌଣସି କଲ୍ୟାଣକାରୀ କର୍ମ କଦାପି ବିଫଳ ଯାଏନାହିଁ କିମ୍ବା ଦୁର୍ଗତିପ୍ରାପ୍ତ ହୁଏନାହିଁ । ଅତଏବ ଜଗତ କଲ୍ୟାଣକାରୀ କର୍ମର ଚେର ପାତାଳଭେଦୀ; ଡାଳ ଦିଗନ୍ତବିସ୍ତାରୀ ଏବଂ ଫଳ ସୁମିଷ୍ଟ-ମଧୁମୟ-ଅମୃତସ୍ୱାଦୀ-ଅକ୍ଷୟ-ଅବ୍ୟୟ-ହୀତକାରୀ ତଥା ମଞ୍ଜିଗୁଡିକ ସଦାସ୍ଥାୟୀ, ଚିରନ୍ତନ ଏବଂ ସନାତନ।

ସୁତରାଂ ଜଗତ କଲ୍ୟାଣକାରୀ ସୁକର୍ମର ଆବାହନର ବେଳ ଏଯାବତ ଆସିନାହିଁ କି ? ଗୀତା ଆଦି ଶାସ୍ତ୍ର ପୁରାଣରେ ଶ୍ରେଷ୍ଠତମ କର୍ମଭାବରେ ଯଜ୍ଞକୁ ହିଁ ପ୍ରାଧାନ୍ୟ ଦିଆଯାଇଛି। ଯଜ୍ଞ ପୁଣି ବହୁବିଧ : ଜପ ଯଜ୍ଞ, ତପ ଯଜ୍ଞ, ସ୍ୱାଧ୍ୟାୟ ଯଜ୍ଞ, ଜ୍ଞାନ ଯଜ୍ଞ, ଦ୍ରବ୍ୟମୟ ଯଜ୍ଞ, କାମ ଯଜ୍ଞ, ନାମ ଯଜ୍ଞ ତଥା ଆତ୍ମ ଯଜ୍ଞ ଇତ୍ୟାଦି। ତେବେ ଏସବୁ ଯଜ୍ଞମାନଙ୍କର ମୂଳସୂତ୍ର ହେଲା 'ପର ପାଇଁ ଯାହା କରାଯାଏ ତାହା ଯଜ୍ଞ ଏବଂ ଏହି ଯଜ୍ଞ ହିଁ ଶ୍ରୀବିଷ୍ଣୁଙ୍କର ଅନ୍ୟନାମ- ଯାହାଙ୍କର ଉପାସନାରେ କାଳାନୁଯାୟୀ ବର୍ଷା ହୁଏ, ବର୍ଷଣର ଯାଥାର୍ଥ୍ୟରେ ଶସ୍ୟ ବା ଅନ୍ନର ସୃଷ୍ଟିହୁଏ ଏବଂ ହୀତକାରୀ ଅନ୍ନର ଉପଭୋଗରେ ପ୍ରାଣୀଜଗତ ସୁସ୍ଥ-ସମୃଦ୍ଧ ଏବଂ ଜୀବନ ଧାରଣ କରେ । ଆଶା କରାଯାଏ ଏପରି 'ଯଜ୍ଞ' ବା ଯଜ୍ଞପୁରୁଷ ଶ୍ରୀବିଷ୍ଣୁଙ୍କର ଉପାସନାରେ ଜୀବଜଗତ କଳି କଲ୍ମଷର ଦାଢ଼ରୁ ରକ୍ଷାପାଇ ଆହୁରି ଅନନ୍ତ କାଳ ପର୍ଯ୍ୟନ୍ତ ଉପଦ୍ରବହୀନ ତିଷ୍ଠି ରହିପାରିବ।

କଳିଯୁଗର ଯୁଗାବତାର ଶ୍ରୀଜଗନ୍ନାଥ ହିଁ ନିଜେ କଳ୍କି ଭଗବାନ ଏବଂ ଉତ୍କଳୀୟ ନବବର୍ଷ ବାମନ ଦ୍ୱାଦଶୀ ଶୁଭ ସୁନିଆଁ ଅବସରରେ ଐଶୀ ପ୍ରେରଣା ପ୍ରଦାନକରି ପବିତ୍ର ଅନନ୍ତବ୍ରତ ତା ୧୫/୦୯/୨୦୧୬ ରିଖ ଗୁରୁବାର ରାତ୍ରୀରେ କୌଣସି ଭକ୍ତ ହାତରେ ଶ୍ରୀତୁଳସୀମାଳ, ଆଜ୍ଞାମାଳ ରୂପରେ ପ୍ରଦାନ କରି ନାଭିକ୍ଷେତ୍ର ଶ୍ରୀଶ୍ରୀ ବିରଜାପୀଠ ଯାଜପୁରରେ ୨୦୧୭ ମସିହା ଶ୍ରୀପଞ୍ଚମୀ ଦିନ ଶୁଭାରମ୍ଭ କରିବାକୁ ପ୍ରେରଣା ଦେଇଥିଲେ ଏବଂ ଏହି ଯଜ୍ଞର ନାମ "ଓଁ ଶ୍ରୀଶ୍ରୀ ସତ୍ୟ କଳ୍କି ବିରଜା ସଂସାର କଲ୍ୟାଣ ମହାଯଜ୍ଞ" ରଖାଯିବାକୁ ନିର୍ଦ୍ଦେଶ ଥିଲା। ସେହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଗତବର୍ଷ ପବିତ୍ର ଯଜ୍ଞ ଅନୁଷ୍ଠିତ ହୋଇଥିଲା ଏବଂ ଏ ବର୍ଷ ସେହି ଯଜ୍ଞ ମା' ବିରଜାଙ୍କ ସ୍ୱନକ୍ଷତ୍ରୋତ୍ସବ ତ୍ରିବେଣୀ ଅମାବାସ୍ୟା ସଂଯୁକ୍ତ ଇଂରାଜୀ ତା.୧୫/୦୧/୨୦୧୮ ଠାରୁ ୨୧/୦୧/୨୦୧୮ରିଖ ଯାଏଁ ସପ୍ତଦିବସ ବ୍ୟାପ୍ତ ମହାଯଜ୍ଞ କରାଯିବାକୁ ସ୍ଥିର ହୋଇଅଛି।

ଏହି ଯଜ୍ଞକୁ ସ୍ୱୀକାର କରୁଥିବା ଭକ୍ତ, ଶ୍ରଦ୍ଧାଳୁ, ନିଜକୁ ଗୋଟିଏ ସତେଜ ପୁଷ୍ପ ଓ ତୁଳସୀ କରି ଅନେକ ଭକ୍ତ ସମାହାରରେ ଗ୍ରଥିତ ପୁଷ୍ପମାଲ୍ୟ ଭିତରେ ଅଦୃଶ୍ୟ ସୂତ୍ରପ୍ରାୟ ନିଜର ଅହଂକାରକୁ ଯଥା-'ମୁଁ', 'ମୋ'ର ', 'ମୋ ଦ୍ୱାରା ହେବ', 'ମୁଁ ବଡ ଭକ୍ତ', 'ମୁଁ ବଡ ଦାନୀ', 'ମୁଁ ଏତେ ଦେଇନଥିଲେ କାମ ହୋଇନଥାନ୍ତା', 'ମୁଁ ନେତୃତ୍ୱ ନେବି' କୁ ଲୁଚାଇ ସ୍ୱୟଂ ଶ୍ରୀ ବିରଜା ଓ ଶ୍ରୀ ଜଗନ୍ନାଥ ଏହାର କର୍ତ୍ତା-କର୍ତ୍ତ୍ରୀ ଭାବିବାକୁ ଅନୁରୋଧ।

କେବଳ ମଣିଷ ସମାଜର ମଙ୍ଗଳ ଏ ଯଜ୍ଞର ଉଦ୍ଦେଶ୍ୟ ନୁହେଁ ବରଂ ସଚରାଚର ଜୀବଜଗତର ମଙ୍ଗଳ ବିଧାନ ଏ ଯଜ୍ଞର ପ୍ରଧାନ ଉଦ୍ଦେଶ୍ୟ। କଳିର ପ୍ରଭାବ ହ୍ରାସ ଓ ସତ୍ୟ ଯୁଗର ଆବାହନ ପାଇଁ ନିଜର ଶ୍ରଦ୍ଧା ସମର୍ପଣ ପାଇଁ ଅନୁରୋଧ। ଏହି ଯଜ୍ଞରେ ଅନେକ ଦ୍ରବ୍ୟର ଆବଶ୍ୟକତା ଥିବାରୁ ଶ୍ରଦ୍ଧାପୂର୍ବକ ସର୍ବନିମ୍ନ ଖଣ୍ଡେ ଶାଳ କାଠ, ଚାମୁଚେ ଶୁଦ୍ଧ ଘିଅ, ଗୋଟେ ନଡ଼ିଆ, ସତ୍-ଉପାର୍ଜ୍ଜିତ ଏକ ଟଙ୍କା ଦକ୍ଷିଣା ଗ୍ରହଣୀୟ ଅଟେ ଏବଂ ଆର୍ଥିକ ଅକ୍ଷମ ବ୍ୟକ୍ତି ଚାହିଁଲେ ନିଜ ବାଡ଼ିରୁ ଦୂବଘାସ କେରାଏ କିମ୍ବା ଗୁହାଳରୁ ଗୋବର ଲଣ୍ଡାଏ, ନଈବାଲିରୁ ମୁଣିଏ, ବିଭିନ୍ନ ତୀର୍ଥରୁ ତୀର୍ଥଜଳ କଳସୀଏ, କିଛି ନପାଇଲେ ଯଜ୍ଞକ୍ଷେତ୍ରରେ କେବଳ ନମସ୍କାର ଓ ନାମ ଜପ ପାଇଁ ନିଜ ସହିତ ସପରିବାର ଓ ସବାନ୍ଧବେ ନିଶ୍ଚିତ ଉପସ୍ଥିତ ରହିବାକୁ ବିନମ୍ର ଅନୁରୋଧ।

ଆପଣମାନଙ୍କୁ ନିମନ୍ତ୍ରଣ କରାଯାଉନି ବରଂ ଆପଣମାନେ ଅନ୍ୟମାନଙ୍କୁ ନିମନ୍ତ୍ରଣ କରି ଅଣାଇବେ। ନିଜ ସୁବିଧା ନଦେଖି ଅନ୍ୟର ସୁବିଧା ପ୍ରତି ପ୍ରଥମେ ଧ୍ୟାନ ଦେବେ। ଯଜ୍ଞସ୍ଥଳରେ ନୀରବତା ରକ୍ଷାକରି ଯାଜ୍ଞିକ, ବ୍ରାହ୍ମଣ, ଋଷି ଓ ସାଧୁସନ୍ଥଙ୍କର ଦେବକାର୍ଯ୍ୟରେ ସହାୟକ ହେବେ। ଯଜ୍ଞସ୍ଥଳରେ ସି.ସି. କ୍ୟାମେରା ନଥାଏ, ଥାଏ ଦେବତାଙ୍କ ଦିବ୍ୟଚକ୍ଷୁ ଯାହା ମଣିଷର ହୃଦୟର ଭାବନାକୁ ମଧ ଫଟୋ ଉଠାଇପାରେ । ଏଣୁ ଶୃଙ୍ଖଳାଭଙ୍ଗ ନକରିବାକୁ ଅନୁରୋଧ। ଯଜ୍ଞସ୍ଥଳକୁ କିଛି ଦ୍ରବ୍ୟ ନଆଣି ଆସନ୍ତୁ ପଛେ, କିନ୍ତୁ ଶତ ଅନୁରୋଧ ଶୁଦ୍ଧ ଭାବନା ନେଇ ନିଶ୍ଚିତ ଆସିବେ। ଯଜ୍ଞସ୍ଥଳରେ ଏପରି ସତର୍କରେ ଚାଲନ୍ତୁ ଯେପରି ପିମ୍ପୁଡିଟିଏର ଗୋଡ ଭାଙ୍ଗିନଯାଏ।

**-ଜୟ ଜଗନ୍ନାଥ, ଜୟ ମା ବିରଜା-**